କମଲାକର ଭୀମରାଓ ପାଟିଲ୍

ବନାମ

ମହାରାଷ୍ଟ୍ର ଶିଳ୍ପ ବିକାଶ ନିଗମ

(ଦେୱାନୀ ଆବେଦନ ସଂଖ୍ୟା 477/2009)

28 ଜାନୁଆରୀ, 2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 226 - ଆଜ୍ଞାଦେଶ ଆବେଦନ - ଏହାର ଗ୍ରହଣୀୟତା - ରାଜ୍ୟ ଶିଳ୍ପ ବିକାଶ ନିଗମର ଆଦେଶ ଯେ ଅର୍ଥ ଜମା ହୋଇଥିଲେ ମଧ୍ଯ ଜମି ଆବଣ୍ଟନ ପାଇଁ ଅନୁରୋଧ ବିଚାର କରାଯିବ ନାହିଁ - ଆଜ୍ଞାଦେଶ ଆବେଦନ - ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏହି ଆଧାରରେ ଖାରଜ ଯେ ଏପରି ବିବାଦକୁ ଗ୍ରହଣ କରିବାକୁ ଦେୱାନୀ ନ୍ୟାୟାଳୟ ସକ୍ଷମ - ଆବେଦନ ଉପରେ ନିର୍ଣ୍ଣୟ ହେଲା: ଯେହେତୁ ନିଗମ ଦ୍ୱାରା ଚୁକ୍ତିନାମାକୁ ପ୍ରତ୍ୟାଖ୍ୟାନ କରିବାର ଆଦେଶ ଆପତ୍ତିର ବିଷୟବସ୍ତୁ ଥିଲା ଆଜ୍ଞାଦେଶ ଆବେଦନ ଗ୍ରହଣଯୋଗ୍ୟ ଥିଲା - ତେଣୁ, ଉଚ୍ଚ ନ୍ୟାୟାଳୟର ଆଦେଶ ବାତିଲ ହେଲା - ଯୋଗ୍ୟତା ଉପରେ ଫଇସଲା ପାଇଁ ଆଜ୍ଞାଦେଶ ଆବେଦନ ପୁନଃସ୍ଥାପିତ ହେବ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 477/2009 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 9315/2005 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 31/1/2006 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଭି.ଏ. ବୋବଡେ, ଭି.ଏ. ମୋହତା, ରାଜଶେଖର ଗୋବିଲକର, ନବୀନ ଚାୱଲା, ମୟଙ୍କ ବୁଘାନୀ ଏବଂ ଟି. ମହିପାଲ ।

ଉତ୍ତରଦାତାଙ୍କ ପାଇଁ ଶ୍ୟାମ ଦିୱାନ ଏବଂ ଫକ୍ସ ମଣ୍ଡଳ ଆଣ୍ଡ କମ୍ପାନୀ,

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ**ଙ୍କ ଦ୍ୱାରା । 1. ଅନୁମତି ପ୍ରଦାନ କରାଗଲା ।

2. ଏହି ଆବେଦନରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ଦାୟର ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରି ଦିଆଯାଇଥିବା ଆଦେଶକୁ ଆପତ୍ତି କରାଯାଇଛି । ମହାରାଷ୍ଟ୍ର ଶିଳ୍ପ ବିକାଶ ନିଗମ (ସଂକ୍ଷେପରେ 'ନିଗମ') ଦ୍ୱାରା 30.3.2005 ତାରିଖରେ ପାରିତ ଆଦେଶର ବୈଧତା ଉପରେ ପ୍ରଶ୍ନ ଉଠାଇ ଆବେଦନକାରୀଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନ ଦାୟର କରାଯାଇଥିଲା ।

3. ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା:

17.8.2004 ର ପ୍ରସ୍ତାବ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ଜମି ଆବଣ୍ଟନ ପାଇଁ ନିର୍ଣ୍ଣୟ ନିଆଯାଇଥିଲା । ଏହି ଅର୍ଥ 9.3.2005 ତାରିଖରେ ଜମା କରାଯାଇଥିଲା, କିନ୍ତୁ ମେସର୍ସ ଏଭରେଷ୍ଟ ରିଅଲଟର୍ସ ପ୍ରାଇଭେଟ୍ ଲିମିଟେଡକୁ ଲେଖାଯାଇଥିବା 30.3.2005 ତାରିଖର ଚିଠିରେ ସେମାନଙ୍କୁ ସୂଚିତ କରାଯାଇଥିଲା ଯେ ଆଇରୋଲି, ନଭି, ନଲେଜ/ଆପାରେଲ ପାର୍କରେ ଜମି ଆବଣ୍ଟନ ପାଇଁ ଅନୁରୋଧକୁ ବିଚାରକୁ ନିଆଯାଇପାରିବ ନାହିଁ । 9.3.2005 ତାରିଖ ବିଶିଷ୍ଟ ଚିଠି ସହିତ ଦାଖଲ କରାଯାଇଥିବା ପେ ଅର୍ଡର ଗୁଡ଼ିକୁ ଫେରସ୍ତ କରାଯାଇଥିଲା । ଆବେଦନକାରୀଙ୍କ ଅନୁଯାୟୀ କୌଣସି କାରଣ କିମ୍ବା ଆଧାର ଦର୍ଶାଯାଇ ନାହିଁ ଏବଂ ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନରେ ପ୍ରାର୍ଥନାକୁ ଭୁଲ୍ ଅର୍ଥ କରିଛନ୍ତି ଯେପରି ଏହା ନିଗମ ସହିତ ଚୁକ୍ତିନାମାର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନକୁ କାର୍ଯ୍ୟକାରୀ କରିବା ପାଇଁ ଥିଲା । ଆବେଦନକାରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆପତ୍ତିର ବିଷୟବସ୍ତୁ ଥିଲା ଚୁକ୍ତିନାମାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ନିଗମ ଦ୍ୱାରା ନିଆଯାଇଥିବା ବିବାଦୀୟ ନିଷ୍ପତ୍ତି । ଆବେଦନକାରୀଙ୍କ ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ ଭୁଲ ଭାବରେ ବିଚାର କରିଥିଲେ ଯେ ସକ୍ଷମ କ୍ଷେତ୍ରାଧିକାର ଥିବା ଏକ ଦେୱାନୀ ଅଦାଲତ ଦ୍ୱାରା ଏହାର ବିଚାର କରାଯାଇପାରିବ ।

4. ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଆହୁରି ଦର୍ଶାଇଥିଲେ ଯେ ନିଗମ କାହିଁକି ଚୁକ୍ତିନାମା ସହିତ ଅଗ୍ରସର ନହେବାକୁ ନିଷ୍ପତ୍ତି ନେଇଛି ତାହାର କୌଣସି କାରଣ ସୂଚିତ କରାଯାଇ ନାହିଁ ।

5. ଅନ୍ୟପକ୍ଷରେ ନିଗମର ବିଜ୍ଞ ଓକିଲ ଦର୍ଶାଇଥିଲେ ଯେ ମେସର୍ସ ଏଭରେଷ୍ଟ ରିଅଲଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କରାଯାଇଥିବା ଦେୟ ଉପରେ କୌଣସି ଟିପ୍ପଣୀ ନଦେବାକୁ ନିଗମ ନିଷ୍ପତ୍ତି ନେଇଥିଲା । ପ୍ରକୃତରେ ପୂର୍ବର ଏହି ସଂକଳ୍ପ ବର୍ତ୍ତମାନର ଆବେଦନକାରୀଙ୍କ ସହ ଜଡ଼ିତ ଥିଲା ।

6. ଆବେଦନକାରୀଙ୍କ ବିଜ୍ଞ ଓକିଲ ସ୍ପଷ୍ଟ କରିଛନ୍ତି ଯେ ସେ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ନିର୍ଦ୍ଦେଶକ ଅଟନ୍ତି, ସେଥିପାଇଁ, ସୂଚିତ କାରଣଗୁଡ଼ିକର କୌଣସି ପ୍ରାସଙ୍ଗିକତା ନାହିଁ।

7. ଆମେ ଦେଖୁଛୁ ଯେ ଏହା ଏପରି ଏକ ମାମଲା ଯାହା ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଷ୍ପତ୍ତି ନିଆଯାଇ ପାରିଥାଆନ୍ତା ଏବଂ ସେଥିପାଇଁ ଆମେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ଆଦେଶକୁ ବାତିଲ କରି ଦେଇଛୁ । ଯୋଗ୍ୟତା ଆଧାରରେ ଫଇସଲା ପାଇଁ ଆଜ୍ଞାଦେଶ ଆବେଦନ ପୁନଃସ୍ଥାପିତ କରାଯିବ । ଅନାବଶ୍ୟକ ବିଳମ୍ବକୁ ଏଡ଼ାଇବା ପାଇଁ, ପକ୍ଷମାନେ 9.2.2009 ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ହାଜର ହୁଅନ୍ତୁ । ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ଆବେଦନ ତାଲିକାଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧୀଶଙ୍କୁ ଅନୁରୋଧ କରାଯାଇଛି । ଏହା ସ୍ପଷ୍ଟ କରାଯାଇଛି ଯେ ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ। 9.2.2009 ପର୍ଯ୍ୟନ୍ତ ନିଗମ ଦ୍ୱାରା କୌଣସି ତୃତୀୟ ପକ୍ଷର ସ୍ୱାର୍ଥ ସୃଷ୍ଟି କରାଯିବ ନାହିଁ । ପରିସ୍ଥିତି ଅନୁଯାୟୀ ଆଜ୍ଞାଦେଶ ଆବେଦନର ବିଚାରାଧୀନତା ସମୟରେ ଏପରି ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରଦାନ କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଏହା ଉନ୍ମୁକ୍ତ ଅଛି।

8. ତଦନୁସାରେ ଆବେଦନଟିର ଫଇସଲା କରାଯାଇଛି।

ଏନ୍.ଜେ. ଆବେଦନଟି ଫଇସଲା ହେଲା।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।